୮

# ବିଜ୍ଞପ୍ତି

ଶାସନର ସୁଫଳ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ପ୍ରୟାସ କରି ବର୍ତ୍ତମାନ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। "ମୋ ସରକାର" ଚରିଆରେ ଶାସନକୁ ଅଧିକ କ୍ରିୟାଶୀଳ କରାଯାଇ ଜନସାଧାରଣମାନଙ୍କୁ ସମସ୍ତ ପ୍ରକାର ସୁବିଧା ଓ ସୁଯୋଗ ପ୍ରଦାନ କରାଯାଉଅଛି ।

ଓଡିଶାରେ ରାଜସ୍ୱ ପର୍ଷଦଙ୍କ ଦ୍ୱାରା ବିଭିନ୍ନ ପ୍ରକାରର କିସମ ରେକର୍ଡ କରିବା ନିୟମାବଳୀ ପ୍ରକାଶିତ ହୋଇଥିଲା । ତାହା ସତ୍ତ୍ୱେ ବର୍ତ୍ତମାନ ୭୦୦୦ରୁ ଅଧିକ ପ୍ରକାରର କିସମ ବନ୍ଦୋବସ୍ତ ଓ ଚକବନ୍ଦୀ ସମୟରେ ରେକର୍ଡଭୁକ୍ତ ହୋଇଅଛି । ରାଜ୍ୟର ବିଭିନ୍ନ ଜିଲ୍ଲାରେ ସମାନ କିସମର ଜମି ଭିନ୍ନ ଭିନ୍ନ ନାମରେ ପ୍ରଚଳିତ । ସରକାର ସେ ସମୟରେ ପ୍ରଚଳିତ କିସମର ତର୍ଜମା ପୂର୍ବକ ପ୍ରଚଳିତ କିସମ ଗୁଡିକୁ ୧୨ ଗୋଟି ମୁଖ୍ୟ କିସମରେ ରଖିବାକୁ ପ୍ରସ୍ତାବ ରଖିଛନ୍ତି । ଏହାଫଳରେ ସାରା ରାଜ୍ୟରେ ଏକକ କିସମ ପ୍ରଣାଳୀ ପ୍ରଣୟନ କରାଯାଇପାରିବ । ଯେଉଁ ୧୨ ଗୋଟି କିସମ ପ୍ରଣୟନ ପାଇଁ ପ୍ରସ୍ତାବ ଅଛି ତାହା ନିମ୍ନରେ ପ୍ରଦତ୍ତ କରାଗଲା ।

୧। ଜଳସେଚିତ ଦୋଫସଲି
୨। ଜଳସେଚିତ ଏକଫସଲି
୩। ଅଣଜଳସେଚିତ (ବର୍ଷାତି)
୪। ଉଦ୍ୟାନ (ବଗାୟତ)
୫। ଜଳାଶୟ
୬। ଘରବାରି
୭। ବ୍ୟବସାୟିକ
୮। ଶିଳ୍ପଭିତ୍ତିକ
୯। ଜଙ୍ଗଲ
୧୦। ଅନୁଷ୍ଠାନ ଭିତ୍ତିକ
୧୧। ଖଣିଜ ଖାଦାନ
୧୨। ଅନ୍ୟାନ୍ୟ

ସେହିପରି ଓଡିଶା ଭୂମି ସଂଶୋଧନ ପୁନର୍ଗଠନ ଆଇନ୧୯୬୦,ଓଡିଶା ଭୂସମ୍ପତି ବିଲୋପନ ଆଇନ ୧୯୫୮ ହେବାସତ୍ତ୍ୱେ ବର୍ତ୍ତମାନ ୭୦୦ ରୁ ଅଧିକ ସତ୍ତ୍ୱ ପ୍ରଚଳିତ ଅଛି । ଏହି ସମ୍ବନ୍ଧରେ ରାଜସ୍ୱ ବୋର୍ଡ ଦ୍ୱାରା ରୟତି ଜମି ରେକର୍ଡ କରିବା ପ୍ରାଣାଳୀ ଏବଂ ସତ୍ତ୍ୱାସତ୍ତ୍ୱ ନିୟମାବଳୀ ୧୯୬୦ ମସିହାରେ ପ୍ରକାଶନ ହୋଇଥିଲା। ଏହି ନିୟମାବଳୀକୁ ପୁର୍ନବାର ପୁନର୍ଗଠନ କରିକି ନିମ୍ନଲିଖିତ ୫ ଗୋଟି ସତ୍ତ୍ୱ ପ୍ରଣୟନ ପାଇଁ ନିୟମାବଳୀ ପ୍ରକାଶ କରିବାକୁ ଯାଉଅଛି ।

୧। ରୟତି/ସ୍ଥିତିବାନ /ଘର
୨। ପଟାଦାର/ପଟାଧାରୀ
୩। ଅମୃତମଣୋହୀ
୪। ମଠ/ମନ୍ଦିର/ମସଜିଦ ସମ୍ପତି
୫। ନ୍ୟାସ ଭୂସମ୍ପତି

ଉପରୋକ୍ତ କିସମ ଓ ସତ୍ତ୍ୱ ପ୍ରଣୟନ ଦ୍ୱାରା ଜମିଜମାର ରେକର୍ଡ ପ୍ରଣାଳୀ ସରଳ ହେବ । ସରକାରଙ୍କ ପରାମର୍ଶ ଅନୁଯାୟୀ ନୂତନ ନିୟମାବଳୀ ଅନୁମୋଦନ ପୂର୍ବରୁ ଓଡିଶାର ଜନସାଧାରଣମାନଙ୍କ ଠାରୁ ପରାମର୍ଶ ଏବଂ ଅଭିଯୋଗ ଆହ୍ୱାନ କରାଯାଉଅଛି । ଏ ସକ୍ରାନ୍ତୀୟ ବିଜ୍ଞପ୍ତି ସମସ୍ତ ଗଣମାଧ୍ୟମ/ସମ୍ବାଦପତ୍ର/ ରାଜସ୍ୱ ପର୍ଷଦ ୱେବସାଇଟରେ ପ୍ରକାଶନ କରାଯାଉଅଛି । ଓଡିଶାର ଜନସାଧାରଣ, ବୁଦ୍ଧିଜୀବୀ, କାର୍ଯ୍ୟରତ ସ୍ୱୟଂସହାୟକ ସଂଗଠନ ଏବଂ ଅନ୍ୟାନ୍ୟ ସଂଗଠନ ସେମାନଙ୍କର ଅଭିଯୋଗ ଏବଂ ସୁଚିନ୍ତିତ ମତାମତ ବିଜ୍ଞପ୍ତି ପ୍ରକାଶନର ୩୦ ଦିନ ମଧ୍ୟରେ ତହସିଲ /ଉପ- ଜିଲ୍ଲାପାଳ/ ଜିଲ୍ଲାପାଳ/ ରାଜସ୍ୱ ଆଯୁକ୍ତ/ରାଜସ୍ୱ ପର୍ଷଦଙ୍କ କାର୍ଯ୍ୟାଳୟ ଠାରେ ଉପସ୍ଥାପନ କରିପାରିବେ । କିସମ ଏବଂ ସତ୍ତ୍ୱର ସରଳୀକରଣର ଚିଠା ପ୍ରସ୍ତାବର୍ଣ୍ଣ ନିମ୍ନରେ ପ୍ରଦତ୍ତ ୱେବସାଇଟରୁ ପ୍ରାପ୍ତ କରାଯାଇପାରିବ ।

ସଚିବ
ରାଜସ୍ୱ ବୋର୍ଡ

ଇ-ମେଲ: bor.secy.od@nic.in
Website: bor.nic.in/ boardodisha.nic.in

ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ,ଓଡ଼ିଶା, ବ୍ରହ୍ମପୁର ।

ସ୍ମାରକ ସଂଖ୍ୟା 1490 / XVI-72/20/ରାଜସ୍ୱ, ତାରିଖ 18.06.2020

ଏହାର ଏକକିତା ନକଲ D.I.O., NIC, ଗଞ୍ଜାମଙ୍କ ନିକଟକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ସକାଶେ ପ୍ରେରଣ କରାଗଲା। ଏଥି ଦ୍ୱାରା ତାଙ୍କୁ ଅନୁରୋଧ କରାଯାଉଛି ଯେ ସଂପୃକ୍ତ ବିଜ୍ଞପ୍ତି ଗଞ୍ଜାମ ଜିଲ୍ଲା website ରେ ଲହରାଇବା (Hoist) ହେବେ ।

ଦୀପକ କୁମାର ପଣ୍ଡା
ଉପ ବିଭାଗ ଅଧିକାରୀ, 18.6.2020
ରାଜସ୍ୱ ଶାଖା